**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**06th February - 2026**

**************************************

***Desk***

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୦ଟା ସମୟରେ ପରୀକ୍ଷା ପେ' ଚର୍ଚ୍ଚା ଆଲୋଚନାରେ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ। ପରୀକ୍ଷା ନେଇ ଛାତ୍ରଛାତ୍ରୀଙ୍କ ଉପରୁ ଚାପ ହ୍ରାସ କରିବା ଏବଂ ପରୀକ୍ଷାକୁ ଏକ ଉତ୍ସବ ଓ ଜୀବନର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ। ଏହା ହେବ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ନବମ ସଂସ୍କରଣ। ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମ' ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ ଚ୍ୟାନେଲ, ଶିକ୍ଷା ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ସିଧାସଳଖ ପ୍ରସାରଣ କରାଯିବ। ୱେଭ୍ସ ଓଟିଟିଓ, ଆମାଜନ୍ ପ୍ରାଇମ ଭିଡିଓ, ଜିଓ, ଜି-ଫାଇଭ୍, ସୋନି ଲାଇଭ୍ ଏବଂ ସ୍ୱଟିପାଏ ଆଦି ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ। ଭୁବନେଶ୍ୱର ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରଛାତ୍ରୀମାନଙ୍କ ସହିତ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ସହିତ ଛାତ୍ରଛାତ୍ରୀମାନଙ୍କ ସହିତ ବାର୍ତ୍ତାଳାପ କରିବେ ।

*Desk*

# ବ୍ଲାକ୍ ସ୍ୱାନ୍ ସମ୍ମିଟ୍

ଭୁବନେଶ୍ୱରଠାରେ ଚାଲିଥିବା ଦୁଇଦିନିଆ ବ୍ଲାକ୍ ସ୍ୱାନ୍ ସମ୍ମିଟ୍‌ର ଆଜି ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ । କୃତ୍ରିମ ବୁଦ୍ଧିମତ୍ତା, ଫିନ୍‌ଟେକ୍, ଇନ୍‌ସିଓର୍ ଟେକ୍ କ୍ଷେତ୍ରରେ ଓଡ଼ିଶାକୁ ଏକ କେନ୍ଦ୍ରଭାବେ ସ୍ଥାନିତ କରିବାକୁ ଏହି ସମ୍ମିଳନୀ ମଞ୍ଚ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ସମ୍ମିଳନୀରେ ୨୪ଟି ଦେଶର ୧ ହଜାର ୭ ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି ।

*Desk*

# ପ୍ରାକ୍ ବଜେଟ୍ ପ୍ରସ୍ତୁତି

ଭୁବନେଶ୍ୱର ଲୋକସେବା ଭବନଠାରେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ସମାଜର ବିଭିନ୍ନ କ୍ଷେତ୍ରର ୫୦ରୁ ଅଧିକ ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି । ଆଗାମୀ ଆର୍ଥିକ ବର୍ଷ ବଜେଟ୍ ପ୍ରସ୍ତୁତି ପାଇଁ ବିଭିନ୍ନ ବର୍ଗ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯାଉଛି ଏବଂ ସେଗୁଡ଼ିକୁ ବିଚାର କରି ବଜେଟ୍ ପ୍ରସ୍ତୁତ କରିବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

*Desk*

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୯ ତାରିଖ ଦିନ ପୂର୍ବାହ୍ଣ ୧୦ଟାରେ ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗରସ୍ଥିତ ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ଅଭିଯୋଗ ଶୁଣାଣିପାଇଁ ଆଜି ପୂର୍ବାହ୍ଣ ୧୧ଟାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ । ସର୍ବାଧିକ ହଜାରେ ଜଣଙ୍କ ନାମ ପଞ୍ଜୀକରଣ କରିବା ପାଇଁ ଜନଶୁଣାଣି ପୋର୍ଟାଲ୍‌ରେ ବ୍ୟବସ୍ଥା ରହିଛି ।

*Desk*

# ଚଳଚ୍ଚିତ୍ର 'ଗୋଦାନ'

ରାଜ୍ୟ ସରକାର ହିନ୍ଦୀ ଫିଚର ଫିଲ୍ମ 'ଗୋଦାନ'କୁ କରମୁକ୍ତ କରିଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । 'ଗୋଦାନ' ଚଳଚ୍ଚିତ୍ର ପ୍ରିମିୟର୍ ଶୋ' ଦେଖିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସିନେମା ସନାତନ ଧର୍ମର ମୂଲ୍ୟବୋଧକୁ ବୁଝାଇବାରେ ବଳିଷ୍ଠ ବାର୍ତ୍ତା ଦେଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି, ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ଗୋ-ଅନୁସନ୍ଧାନ  କେନ୍ଦ୍ର ସ୍ଥାପନ କରିବେ । ଚଳଚ୍ଚିତ୍ର 'ଗୋଦାନ' ଆଜି ସିନେମା ପ୍ରେକ୍ଷାଳୟଗୁଡ଼ିକରେ ମୁକ୍ତିଲାଭ କରିବ ।

*Desk*

# ଓଡ଼ିଆ ପକ୍ଷ

ଚଳିତ ବର୍ଷ ଏପ୍ରିଲ୍ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ଓଡ଼ିଆ ପକ୍ଷ ପାଳନ କରିବେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଦ୍ୱାରା ଓଡ଼ିଆ ପକ୍ଷ ପାଳନ କରାଯିବ । ଏହି ସମୟରେ ବିଭିନ୍ନ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଆୟୋଜନ କରିବାପାଇଁ ଜନସାଧାରଣଙ୍କ ଭାଗିଦାରୀ ଉପରେ ଗୁରୁତ୍ୱ ଦେବାପାଇଁ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଏନେଇ ଭୁବନେଶ୍ୱରଠାରେ ଗତକାଲି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

***BBSR/R***

# ଆଦିବାସୀ ମେଳା

ଭୁବନେଶ୍ୱର ୟୁନିଟ୍-୧ ଆଦିବାସୀ ପଡ଼ିଆଠାରେ ଗତ ୧୧ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା ଗତକାଲି ଶେଷ ହୋଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଛନ୍ତି, ରାଜ୍ୟ ସରକାର ଜନଜାତିମାନଙ୍କର ବିକାଶ ଏବଂ ଭୋକାଲ୍ ଫର୍ ଲୋକାଲ୍‌କୁ ପ୍ରାଧାନ୍ୟ ଦେଉଛନ୍ତି । ସୂଚନା ଅନୁସାରେ, ଚଳିତ ବର୍ଷ ମେଳାରେ ୪ କୋଟି ୨୨ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି ।

*Malkangiri/R*

# ମାଲ୍ୟବନ୍ତ ଉତ୍ସବ

ମାଲକାନଗିରି ସଦର ମହକୁମା ଡି.ଏନ୍.କେ. ଖେଳପଡ଼ିଆଠାରେ ଗତ ୫ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଗତକାଲି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପଲ୍ଲିଶ୍ରୀ ମେଳାରେ ଅଢ଼େଇ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ଜଣାପଡ଼ିଛି ।

*Nuapada/R*

# ଖଡ଼ିଆଳ ମହୋତ୍ସବ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ୍ ପଡ଼ିଆରେ ଚାଲିଥିବା ଖଡ଼ିଆଳ ମହୋତ୍ସବରେ ଗତକାଲି ଶିଳ୍ପମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ କହିଥିଲେ, ଯେଉଁ ଜାତିର ଇତିହାସ ଯେତେ ସମୃଦ୍ଧ, ସେଠାର ସଭ୍ୟତା ସେତିକି ପରିମାଣରେ ଉନ୍ନତ । ଖଡ଼ିଆଳଠାରେ ଏକ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ଖଡ଼ିଆଳ ମହୋତ୍ସବ କମିଟି ପକ୍ଷରୁ ମନ୍ତ୍ରୀଙ୍କ ମାଧ୍ୟମରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ।

*Ganjam/R*

# ଭିତ୍ତିପ୍ରସ୍ତର

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଅନ୍ତର୍ଗତ ମଥୁରା ସ୍ଥିତ ୬ କିଲୋମିଟର ଧନେଇ କେନାଲ ରାସ୍ତାର ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ୫ କୋଟି ୫୦ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଗତକାଲି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

*Nuapada/R*

# ସି.ଏମ୍. ଟ୍ରଫି କବାଡ଼ି

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ପି.ଏମ୍.ଶ୍ରୀ ନ୍ୟାସନାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ସି.ଏମ୍. ଟ୍ରଫି କବାଡ଼ି ଟୁର୍ଣ୍ଣାମେଣ୍ଟ ନିମନ୍ତେ ଖେଳାଳି ଚୟନ କରାଯିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ପଞ୍ଜୀକରଣ କରିଥିବା ୧୬ ବର୍ଷରୁ କମ୍ ୧୮୮ ଜଣ ବାଳକ ଏବଂ ୮୮ ଜଣ ବାଳିକା ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଚୟନ କମିଟି ପକ୍ଷରୁ କୁହାଯାଇଛି । ସକାଳ ୮ଟାରୁ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହେବ ।

*Ganjam/R*

# ଖୋଖୋ

ପ୍ରଥମ ୧୪ ବର୍ଷୀୟ ସି.ଏମ୍. କପ୍ ଖୋଖୋ ଟୁର୍ଣ୍ଣାମେଣ୍ଟପାଇଁ ଚଳିତ ମାସ ୧୦ ତାରିଖରେ ଚୟନ ଶିବିର ହେବ । ବ୍ରହ୍ମପୁର ନିକଟସ୍ଥ ଗିରିସୋଲା ମଦନମୋହନ ନୋଡାଲ୍ ହାଇସ୍କୁଲ୍ ନିକଟରେ ଇଚ୍ଛୁକ ଖେଳାଳି ପ୍ରାର୍ଥୀମାନେ ସେମାନଙ୍କର ଆଧାର କାର୍ଡ଼ ଓ ବୟସ ପ୍ରମାଣପତ୍ର ସହିତ ଉପସ୍ଥିତ ରହିବାପାଇଁ ଗଞ୍ଜାମ ଜିଲ୍ଲା ଖୋଖୋ ସଂଘ ପକ୍ଷରୁ କୁହାଯାଇଛି ।

*****